## ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

ବଡ଼ବିଲ,(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲରେ ଘନଘନ ବିଦ୍ୟୁତକାଟ ଓ ବିଦ୍ୟୁତ ଶୁଳ୍କ ବୃଦ୍ଧି ନେଇ ଭାଜପା ବଡବିଲ ମଣ୍ଡଳ ପକ୍ଷରୁ ଗୁରୁବାର ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ହୋଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲିପ ମିଶ୍ର , ଭାଜପା କେନ୍ଦୁଝର ଜିଲ୍ଲା ଉପସଭାପତି ଦେବପ୍ରସାଦ ମିଶ୍ର, ଜିଲା ଉପସଭାନେତ୍ରୀ ସ୍ୱପ୍ନା ସାହୁ, ବଡବିଲ ମଣ୍ଡଳ ସଭାପତି ବ୍ରଜକିଶୋର ସାହୁ, ଯୁବ ଭାଜପା ନେତା ତଥା ମାଟୋଆର ସଭାପତି ବିକାଶ ସରାୱଗୀ ପ୍ରମୁଖଙ୍କ ସହ ଅନ୍ୟ ନେତୃବୃନ୍ଦ ଓ କର୍ମୀମାନେ ଯୋଗ ଦେଇଥିଲେ।

# ସଂକ୍ଷେପରେ

## ୩ କୋଟିର ମେଗା ପାନୀୟଜଳ ପ୍ରକଳ୍ପ ଶିଳାନ୍ୟାସ

ରୂପ୍ସା, ୨୨।୭(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ବ୍ଲକ ବରୁଣଗଡ଼ିଆ ପଞ୍ଚାୟତରେ ଗୁରୁବାର ୩କୋଟି ଟଙ୍କାର ଦୁଇଟି ମେଗା ପାନୀୟଜଳ ପ୍ରକଳ୍ପ ଓ ୫ଲକ୍ଷ ଟଙ୍କାର ଏକ ଗୋଷ୍ଠୀ ଗୃହ ପ୍ରକଳ୍ପକୁ ବିଧାୟକ ନିତ୍ୟାନନ୍ଦ ସାହୁ ଶିଳାନ୍ୟାସ କରିଛନ୍ତି। ସରପଞ୍ଚ ଲିପିକା ରାଉଳ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ସାହୁ, ସମ୍ମାନିତ ଅତିଥି ଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମାପ୍ରସାଦ ବେହେରା, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ, ବିଡିଓ ଜ୍ଞାନରଞ୍ଜନ ସାହୁ, ସରପଞ୍ଚ ଅନୀଲ ମହାନ୍ତି, ବ୍ଲକ ଉପାଧକ୍ଷା ରଞ୍ଜନା ଦାସ, ବିଜେଡି ନେତା ମହାଦେବ ଦାସ, ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ଦାସ, ସମିତିସଭ୍ୟା ମମତା ସାମଲ, ହରଗୋପାଳ ସିଂହ, ପଞ୍ଚାନନ ଦାସ ଓ ସୁବୋଧ ରାଉଳ ପ୍ରମୁଖ ଯୋଗଦେଇଥିଲେ। ଗୋହିରାଗଡ଼ିଆଠାରେ ୧କୋଟି ୪୦ଲକ୍ଷ, ଚୋରପଦାଠାରେ ୧କୋଟି ୬୦ଲକ୍ଷ ଟଙ୍କାର ୧ ଲକ୍ଷ ଲିଟର କ୍ଷମତା ପାଣିଟାଙ୍କି ବିଶିଷ୍ଟ ମେଗା ପାନୀୟ ଜଳ ପ୍ରକଳ୍ପ ଏବଂ ସଦାନନ୍ଦପୁର ମାଉସୀ ମନ୍ଦିରଠାରେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳର ଗୋଷ୍ଠୀଗୃହର ଶିଳାନ୍ୟାସ କରାଯାଇଥିଲା।

## ଆତ୍ମାହୁତି ଚେତାବନୀ ଦେଲେ ବୃଦ୍ଧ

### ବେଆଇନ ଜମି କିଣାବିକା ଘଟଣା

କେନ୍ଦୁଝର,୨୨।୭((ସ୍ୱ.ପ୍ର.): କେନ୍ଦୁଝର ସଦର ତହସିଲ ଅନ୍ତର୍ଗତ ଗୁହାଳ ଚତୁଆ ଗ୍ରାମରେ ବେଆଇନ ଭାବେ ଜମି କିଣାବିକା ହୋଇଥିବା ଅଭିଯୋଗ ହୋଇଛି। ଏନେଇ କରୁଣାକର ମହାନ୍ତ ନାମକ ଜଣେ ବୃଦ୍ଧ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ନଚେତ ପରିବାର ସହ ଆତ୍ମାହୂତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ତାଙ୍କ ଅଗୋଚରରେ ଜନୈକ କ୍ଷମତାଶାଳୀ ବ୍ୟକ୍ତି ତାଙ୍କ ସମ୍ପର୍କୀୟଙ୍କଠାରୁ ଜମି କିଣି ନେଇଥିବା ସେ ଅଭିଯୋଗ କରିଛନ୍ତି। ନ୍ୟାୟ ପାଇଁ ତହସିଲ, ଉପ ଜିଲାପାଳ ତଥା ଜିଲାପାଳଙ୍କ ଅଫିସ ଧାଇଁ ଧାଇଁ ନ୍ୟାନ୍ତ ହୋଇଥିଲେ ହେଁ କେହି ତାଙ୍କ ଗୁହାରୀ ଶୁଣୁ ନାହାଁନ୍ତି। ଆପୋଷ ବୁଝାମଣା କରିବାକୁ ତାଙ୍କୁ ବାଧ କରାଯିବା ସହ ହତ୍ୟା ଧମକ ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି।

## ଦୁର୍ଘଟଣାରେ ଆହତ ବାଇକ୍ ଆରୋହୀଙ୍କ ମୃତ୍ୟୁ

ପାଟଣା,୨୨।୭((ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ଖୃରେଇଟାଙ୍ଗିରୀ ନିକଟରେ ଦୁର୍ଘଟଣାରେ ଆହତ ଜଣେ ବାଇକ୍ ଆରୋହୀଙ୍କ ବୁଧବାର ମୃତ୍ୟୁ ହୋଇଛି। ମୃତକ ହେଲେ ପୁରୀ ଜିଲା ପିପିଲି ଅଞ୍ଚଳର ସୁଧାଂଶୁ ଶେଖର ବାହିନୀ ପତି ମଙ୍ଗଳବାର ସନ୍ଧ୍ୟାରେ ସେ ପଶ୍ଚିମବଙ୍ଗ ମେଦିନିପୁର ଅଞ୍ଚଳର ସମନ ଜନଙ୍କ ସହ ଏକ ବାଇକ୍‌ରେ ଯାଉଥିବା ବେଳେ ଖୃରେଇଟାଙ୍ଗିରୀ ନିକଟରେ ରାସ୍ତା ଉପରେ ଛିଡ଼ା ହୋଇଥିବା ଆଇରନ୍ ବୋଝେଇ ଟ୍ରକ ପଛରେ ପିଟି ହୋଇ ଯାଇଥିଲେ।

## ମହିଳାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

କେନ୍ଦୁଝର ୨୨।୭ (ସ୍ୱ.ପ୍ର.): ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଟାଉନ ପୋଲିସ ଗୁରୁବାର ଶ୍ରୀକାନ୍ତ ମହାନ୍ତଙ୍କୁ ଗିରଫ କରିଛି। ଗତ ୯ ତାରିଖରେ ସେ ପୀଡିତାଙ୍କ ଘରକୁ ଆସି ବଳାତ୍କାର କରି ଫେରାର ହୋଇଯାଇଥିବା ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଥିଲା । ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ମେଡିକାଲ ଯାଞ୍ଚ ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ସାନ୍ତନୁ କୁମାର ଜେନା କହିଛନ୍ତି। ଏନେଇ ଟାଉନ ଥାନାରେ ଏକ ମାମଲା (ନଂ.୨୪୨/୨୦୨୧) ରୁଜୁ ହୋଇଛି।

## ସ୍ୱଚ୍ଛତା ପକ୍ଷ ପାଳନ

ଭଣ୍ଡାରିପୋଖରୀ, ୨୨।୭ (ଡି.ଏନ.ଏ.)- ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ଜନ ଶିକ୍ଷଣ ସଂସ୍ଥାନ ଭଦ୍ରକ ଶାଖା ପକ୍ଷରୁ ସଚ୍ଛତା ପକ୍ଷ ପାଳନ କରାଯାଇଛି। ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଗୁରୁବାର ଭଣ୍ଡାରିପୋଖରୀ ଶାରଦା ବିଦ୍ୟାମନ୍ଦିରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଦେଶିକା ଆରତି ସାହୁ ସଭାପତିତ୍ୱ କରିଥିଲେ। ରବିନାରାୟଣ ଜେନା ଓ ଦୟାନିଧି ରାଉତ ପରିଚ୍ଛନ୍ନତା ଉପରେ ଆଲୋକପାତ କରିଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ବାରିପଦା ଅଫିସ,୨୨।୭- ବଡ଼ସାହି ଥାନା ବାରୁଡ଼ିହୀ ଗ୍ରାମର ଦେବେନ୍ଦ୍ର ବେହେରା ନାମକ ବୃଦ୍ଧ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ଶୌଚ ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିଲେ। ତେବେ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ମାମଲା(ନଂ.୨୭/୨୧) ।

# ଅଧା ଅଧ୍ୟାପକ ପଦବୀ ଖାଲି

- ଅତିଥି ଅଧ୍ୟାପକ ଭରସାରେ ଧରଣୀଧର କଲେଜ
- ଯୁକ୍ତ ୩ରେ ୫୩ ସ୍ଥାନରେ ଅଛନ୍ତି ୨୮
- ଯୁକ୍ତ ୨ରେ ୪୯ ପଦବୀରୁ ୨୭ ଖାଲି

କେନ୍ଦୁଝର, ୨୨।୭(ଡି.ଏନ୍.ଏ.)

କେନ୍ଦୁଝର ବିଜ୍ଞାନ କଲେଜ ଏବେ ଧରଣୀଧର ମହାବିଦ୍ୟାଳୟ। ମିଳିଛି ସ୍ୱୟଂଶାସିତ ମାନ୍ୟତା। ନାମ ବଦଳିଛି। ହେଲେ ବଦଳିନି ଶିକ୍ଷାଦାନ ବ୍ୟବସ୍ଥା। ଜିଲାର ଏହି ନାମକରା ଶିକ୍ଷାନୁଷ୍ଠାନରେ ଅଧ୍ୟାପକ ମରୁଡ଼ି ଦେଖାଦେଇଛି। ଅଧା ଅଧ୍ୟାପକ ପଦବୀ ଖାଲି ପଡ଼ିଥିବାବେଳେ ଅତିଥି ଅଧ୍ୟାପକଙ୍କ ଭରସାରେ ଚାଲିଛି ଏହି ଉଚ୍ଚଶିକ୍ଷାର ପ୍ରମୁଖ କେନ୍ଦ୍ର।

କଲେଜରେ ଯୁକ୍ତ ୨ ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗରେ ପ୍ରାୟ ୧୫୦୦ ଛାତ୍ରୀଛାତ୍ର ପଢୁଛନ୍ତି। ସେହିପରି ଯୁକ୍ତ ୩ ଏବଂ ସ୍ନାତକୋତ୍ତର ବିଭାଗର ଛାତ୍ରୀଛାତ୍ରଙ୍କ ସଂଖ୍ୟା ପାଖାପାଖି ୨୦୦୦। ସ୍ନାତକର ୩ ବିଭାଗ (କଳା, ବିଜ୍ଞାନ, ବାଣିଜ୍ୟ) ଲାଗି ୫୩ ଜଣ ଅଧ୍ୟାପକଙ୍କ ବଦଳରେ ମାତ୍ର ୨୮ ଜଣରେ ଅଧ୍ୟାପନା ଚାଲିଛି। ରାଜନୀତି ବିଜ୍ଞାନ, ଭୂତତ୍ତ୍ୱ, ରସାୟନ ବିଜ୍ଞାନ ଓ ବାଣିଜ୍ୟରେ ସ୍ନାତକୋତ୍ତର ବିଭାଗ ରହିଥିବାବେଳେ ଏସବୁ ବିଷୟ ପାଲଟିଛି ଅନେକ ଛାତ୍ରୀଛାତ୍ରଙ୍କ ପସନ୍ଦ। ହେଲେ ସ୍ନାତକୋତ୍ତର ରାଜନୀତି ବିଜ୍ଞାନରେ ନିୟମିତ ଅଧ୍ୟାପକ ନାହାନ୍ତି। ଜିଓଲୋଜିରେ ୪, କେମେଷ୍ଟ୍ରିରେ ୨ ଏବଂ ବାଣିଜ୍ୟରେ ୪ଜଣ ଅଧ୍ୟାପକ ରହିଥିବାବେଳେ ରାଜନୀତି ବିଜ୍ଞାନ ପାଠପଢ଼ା ଦାୟିତ୍ୱ ଅତିଥି ଅଧ୍ୟାପକଙ୍କ କାନ୍ଧରେ ନ୍ୟସ୍ତ କରାଯାଇଛି। ଏହି ସ୍ୱୟଂଶାସିତ ମହାବିଦ୍ୟାଳୟ ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧୀନରେ ଆସୁଛି। ତେବେ ଅଧ୍ୟାପକଙ୍କ ମରୁଡ଼ି ଯୋଗୁ ଶିକ୍ଷାଦାନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସମାନ ସମସ୍ୟା ଦେଖାଦେଇଛି ଯୁକ୍ତ ୨ ବିଭାଗରେ। ଯୁକ୍ତ ୨ର ବିଭିନ୍ନ ବିଷୟରେ ଅଧ୍ୟାପନା ଲାଗି ୪୯ଜଣ ନିୟମିତ ଅଧ୍ୟାପକଙ୍କ ଆବଶ୍ୟକତା ଥିବାବେଳେ ୨୨ଜଣରେ କାମ ଚାଲିଛି। ଅଧିକାଂଶ ବିଷୟରେ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଥିବା କଲେଜର ଭାରପ୍ରାପ୍ତ ଅଧକ୍ଷ ନରେନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

ଅଧ୍ୟାପକଙ୍କ ବ୍ୟତୀତ ପ୍ରଶାସନିକ କାର୍ଯ୍ୟ ହାତଗଣତି କର୍ମଚାରୀଙ୍କୁ ନେଇ ଚାଲିଛି। କଲେଜରେ ୮୨କର୍ମଚାରୀଙ୍କ ବଦଳରେ ମାତ୍ର ୨୯ ଜଣ ରହିଛନ୍ତି। ସବୁଠାରୁ ବଡ଼କଥା, କିଛି ବର୍ଷ ହେଲା କଲେଜରେ ନିୟମିତ ଅଧକ୍ଷ ପଦବୀରେ କେହି ଯୋଗଦେଇନାହାନ୍ତି। ବର୍ଷକ ପାଇଁ ଜଣେ ଅଧକ୍ଷ ଯୋଗଦେଇଥିଲେ। ଏହାପରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ କାମଚଳାରେ ଚାଲିଛି। ଆସନ୍ତା ଜୁଲାଇ ୨୬ରେ କଲେଜ ଖୋଲିବାକୁ ସରକାର ନିର୍ଦ୍ଦେଶନାମା ଜାରି କରିଥିବାବେଳେ ଅଧ୍ୟାପକ ଅଭାବ ଯୋଗୁ ଶିକ୍ଷାଦାନ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ପୂର୍ବରୁ ଅଧ୍ୟାପକ ପଦବୀ ପୂରଣ ଲାଗି ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଥିଲେ ମଧ ଏହାର ସମାଧାନ ଲାଗି କୌଣସି ପଦକ୍ଷେପ ନିଆଯାଉନାହିଁ। ଉଚ୍ଚ ଶିକ୍ଷା ବିଭାଗ ସମସ୍ୟାକୁ ଗୁରୁତ୍ୱ ଦେବାକୁ ଛାତ୍ରୀଛାତ୍ର ଏବଂ ଅଭିଭାବକ ମହଲରେ ଦାବି ହୋଇଛି।

## ଏମ୍‌ବିକେ ଆବେଦନପତ୍ର ଯାଞ୍ଚରେ ଅନିୟମିତତା



ଖବରଦାତା ସମ୍ମିଳନୀରେ ଉପସ୍ଥିତ ମହାସଂଘର କର୍ମକର୍ତ୍ତା

### ମହାସଂଘ କର୍ମକର୍ତ୍ତାଙ୍କୁ ଧମକ ଅଭିଯୋଗ

ରୂପ୍ସା, ୨୨।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ବାହାର୍ଦ୍ଦା ପଞ୍ଚାୟତସ୍ତରୀୟ ମହାସଂଘର ମାଷ୍ଟର ବୁକ କିପରି (ଏମ୍‌ବିକେ) ପଦବୀ ପାଇଁ ହୋଇଥିବା ଆବେଦନପତ୍ର ଯାଞ୍ଚରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ମହାସଂଘର କର୍ମକର୍ତ୍ତାଙ୍କୁ ଧମକଚମକ ସହ ମାନସିକ ନିର୍ଯାତନା ଦିଆଯାଉଥିବା ଗୁରୁବାର ବାହାର୍ଦ୍ଦା ପଞ୍ଚାୟତ କାର୍ଯ୍ୟାଳୟରେ ମହାସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାନେତ୍ରୀ ମୀତାରାଣୀ ମଲିକ, ସମ୍ପାଦିକା ସବିତା ସାମଲ, ସିଆରପି ଆୟେଶା ଖାତୁନ ଓ ସନ୍ଧ୍ୟାରାରୀ ବେହେରା ପ୍ରମୁଖ ଗଣମାଧମକୁ କହିଛନ୍ତି। ଗତ ଜାନୁୟାରୀ ୯ ତାରିଖରେ ଏହି ପଦବୀ ପାଇଁ ଫର୍ମ ଆବଦନ କରାଯାଇଥିଲା। ମାର୍ଚ୍ଚ ୨୨ରେ ଆବେଦନପତ୍ରର ଯାଞ୍ଚ ହୋଇଥିଲା। ଓଡ଼ିଶା ଜୀବିକା ମିଶନର ବିପିଏମ୍ ପ୍ରଭାକର ଦାସ, ବିଏଲସି ଉତ୍ତମ ସାହୁ, ସରପଞ୍ଚ ପ୍ରତିମା ଦାସ ଓ ମହାସଂଘର ୪ଜଣ ଯାଞ୍ଚ କମିଟିର ସଭ୍ୟା ଉପସ୍ଥିତ ଥିଲେ। ମାତ୍ର ଜଣେ ପ୍ରାର୍ଥିନୀଙ୍କୁ ଗୁରୁତ୍ୱ ଦେଇ ପ୍ରାଥମିକତା ଭିତ୍ତିରେ ସ୍ୱାମୀ ପରିତ୍ୟକ୍ତା ଆବେଦନକାରୀଙ୍କୁ ଅଣଦେଖା କରିବାରୁ ଯାଞ୍ଚରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ମହାସଂଘ ପକ୍ଷରୁ ମାର୍ଚ୍ଚ ୩୦ରେ ବାଲେଶ୍ୱର ଜିଲାପାଳ, ଜୁଲାଇ ୧୫ରେ ମୁଖ୍ୟମନ୍ତ୍ରୀ, ଜୁଲାଇ ୧୬ରେ ଓଡ଼ିଶା ଜୀବିକା ମିଶନ ଶକ୍ତିର କମିଶନରଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା। ଏ ଦିଗରେ ତଦନ୍ତ ନ ହୋଇ ଶୁକ୍ରବାର ଏମ୍‌ବିକେ ନିଯୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ ହେବାକୁ ମହାସଂଘ ପକ୍ଷରୁ ବିରୋଧ କରାଯାଇଛି। ଏପରିକି ବିପିଏମ୍, ସରପଞ୍ଚ ପ୍ରତିନିଧି ମହାସଂଘ ଓ ୱାର୍ଡ଼ସ୍ତରୀୟ ସଂଘର କର୍ମକର୍ତ୍ତାଙ୍କୁ ଧମକଚମକ ଦେବା ସହ ମାନସିକ ନିର୍ଯାତନା ଦେଉଥିବା ନେଇ ବସ୍ତା ଥାନାରେ ଗୁରୁବାର ଲିଖିତ ଅଭିଯୋଗ ହୋଇଛି।

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସର ଧାରଣା




ଧାରଣାରତ କଂଗ୍ରେସ କର୍ମକର୍ତ୍ତା।

ବାରିପଦା ଅଫିସ,୨୨।୭

ଲୋଧା ଉନ୍ନୟନ ସଂସ୍ଥା ଓ ଦୁଇଟି ଏନ୍‌ଜିଓ ଦ୍ୱାରା ହୋଇଥିବା କୋଟି କୋଟି ଟଙ୍କା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବିରେ ମୋରଡ଼ା ନିର୍ବାଚନ ମଣ୍ଡଳୀର କଂଗ୍ରେସ କର୍ମକର୍ତ୍ତାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଧାରଣା ଦେଇଥିଲେ। ଏ ସଂକ୍ରାନ୍ତରେ ଗତ କିଛି ଦିନ ପୂର୍ବରୁ ଜିଲାପାଳଙ୍କୁ ସବିଶେଷ ତଥ୍ୟ ପ୍ରମାଣ ଦିଆଯାଇଥିଲେ ମଧ ଏହାର ତଦନ୍ତ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଭିଜିଲାନ୍ସ ତଦନ୍ତ କରା ନ ଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ମୋରଡ଼ା ବ୍ଲକ ବରକନ୍ଦ ପଞ୍ଚାୟତର ଟିଆଁସି ଗ୍ରାମରେ ୨୦ଲକ୍ଷ ୪୪ହଜାର ଏବଂ ଗଡ଼ିଗାଁ ପଞ୍ଚାୟତର ଗଡ଼ଗାଁଠାରେ ୨୦ଲକ୍ଷ ୪୪ହଜାର ୬୩୦ଟଙ୍କାରେ ଲେମନ ଗ୍ରାସ ଚାଷ ନିମନ୍ତେ ଫଳକ ଲାଗିଥିଲା । ମାତ୍ର ଉକ୍ତ ସ୍ଥାନରେ ଲେମନ ଗ୍ରାସର ଚିହ୍ନବର୍ଣ୍ଣ ନ ଥିବା ବେଳେ ଲକ୍ଷ ଲକ୍ଷ ଟଙ୍କା ବିଲ୍ ହୋଇଯାଇଥିବା ଜଣାପଡ଼ିଛି। ସେହିପରି ବିଭିନ୍ନ ଏନ୍‌ଜିଓ ସଂସ୍ଥା ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କାର ପ୍ରକଳ୍ପ ବାବଦରେ ସୂଚନା ଫଳକ ପ୍ରସ୍ତୁତ କରି ଟଙ୍କା ଆତ୍ମସାତ କରାଯାଇଥିବା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିବା କୁହାଯାଇଛି। କଂଗ୍ରେସ ନେତା ପ୍ରଭାସ କରମହାପାତ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ ଧାରଣାରେ ସାମିଲ ହୋଇଥିଲେ।

## ତେଲ କଡ଼େଇରେ ପଡ଼ି ନାବାଳିକା ଗୁରୁତର

ସଜନାଗଡ଼, ୨୨।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ରେମୁଣା ଥାନା ବଡୁଆଁ ଗ୍ରାମର ସନ୍ତୋଷ ମହାଳିକଙ୍କ ଝିଅ ଅସାବଧାନବଶତଃ ଚୁଲିରେ ବସିଥିବା ତରକାରୀ କଡ଼େଇରେ ପଡ଼ିଯିବାରୁ ତାଙ୍କ ବାମହାତ ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ପରିବାର ଲୋକେ ତାଙ୍କୁ ନୀଳଗିରି ମେଡ଼ିକାଲକୁ ଆଣିଥିଲେ ହେଁ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ଦୁଇଦିନ ପରେ ଶବକୁ କବର ଦିଆଗଲା

### ଥମିନି ଉତ୍ତେଜନା, ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ଭୋଗରାଇ, ୨୨।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ପାଣିଷଣ୍ଡା ଗ୍ରାମରେ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକଙ୍କ ମୃତ୍ୟୁ ଘଟଣାକୁ ନେଇ ସେଠାରେ ଚାପା ଉତ୍ତେଜନା ଦେଖାଦେଇଛି। ଶାନ୍ତିଶୃଙ୍ଖଳା ନିମନ୍ତେ ୧ ପ୍ଲାଟୁନ ପୋଲିସଫୋର୍ସ ମୁତୟନ ରହିଛନ୍ତି। ଦୁଇଦିନ ଧରି ଶବକୁ ହତ୍ୟାକାରୀଙ୍କ ଘର ବାରଣ୍ଡାରେ ରଖି ୧୦ଲକ୍ଷ ଟଙ୍କା କ୍ଷତିପୂରଣ, ଆସାମୀଙ୍କୁ ତୁରନ୍ତ ଗିରଫ, ବିଧବା ପତ୍ନୀ ଓ ଦୁଇ ନାବାଳିକାଙ୍କୁ ଭବିଷ୍ୟତ ଖର୍ଚ୍ଚ ବହନ, ଗୁରୁତର ଆହତ ଦୁଇଭାଇଙ୍କୁ ଚିକିତ୍ସା ଖର୍ଚ୍ଚ ଦେବାକୁ ପ୍ରଶାସନ ପାଖରେ ଗ୍ରାମବାସୀ ଅଡ଼ି ବସିଥିଲେ। ୧୬ଦିନ ଧରି ଭୋଗରାଇ ଥାନାରେ ମାମଲା କରାଯାଇଥିବା ବେଳେ ପୋଲିସ ତଦନ୍ତରେ ବିଳମ୍ବ କରି ଅପରାଧୀଙ୍କୁ ଘଣ୍ଟ ଘୋଡାଉଥିବା ବହୁ ଗ୍ରାମବାସୀ ଅଭିଯୋଗ କରିଥିଲେ। ଗୁରୁବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଘଟଣା ସ୍ଥିତି ଜଟିଳ ଥିବା ବେଳେ ଶବକୁ ସନ୍ଧ୍ୟାରେ କବରସ୍ଥାନରେ ଗ୍ରାମବାସୀ ଅଶ୍ରୁଳ କବର ଦେଇଥିଲେ। କ୍ଷତିପୂରଣ ନ ଦେଲେ ଆସାମୀଙ୍କୁ ଘରେ ପୂରାଇ ଦେବୁ ନାହିଁ ବୋଲି ମୃତ ଯୁବକଙ୍କ ପରିବାର ଓ ଗ୍ରାମବାସୀ ଚରମ ଚେତାବନୀ ଦେଇଛନ୍ତି। ଏହି ଘଟଣାରେ ଜଳେଶ୍ୱର ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର ଭୋଗରାଇରେ ଦୁଇଦିନ ଡେରା ପକାଇଥିଲେ।

## ରତ୍ନ ସିଂହାସନକୁ ଫେରିବେ ଚତୁର୍ଦ୍ଧାମୂର୍ତ୍ତି

ବାରିପଦା ଅଫିସ,୨୨।୭

ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସକୁ ଫେରିବେ ବୋଲି ଜଗନ୍ନାଥଙ୍କ ପୂଜାପଣ୍ଡା କାମେଶ୍ୱର ତ୍ରିପାଠୀ ପ୍ରକାଶ କରିଛନ୍ତି। ଚଳିତବର୍ଷ କରୋନା କଟକଣା ଯୋଗୁ ବାରିପଦାରେ ରଥଯାତ୍ରା ବନ୍ଦ ରହିଥିଲା। ଫଳରେ ଅଣସର ଘରୁ ବାହାରି ଠାକୁର ନାଟ ମଣ୍ଡପର ଭଦ୍ରାସନ ପିଣ୍ଡିରେ ପୂଜା ପାଉଥିଲେ। ରଥଯାତ୍ରା ବିକଳ୍ପ ନ ଥିବାରୁ ବର୍ଷ ତମାମ ଭଦ୍ରାସନ ପିଣ୍ଡିରେ ପୂଜା ପାଇବେ ବୋଲି କୁହାଯାଉଥିଲା। ବାରିପଦା ସମେତ ରାଜ୍ୟର ବିଭିନ୍ନ ମନ୍ଦିରର ସେବାୟତମାନେ ପୁରୀ ଯାଇ ଛତିଶା ନିଯୋଗ ନାୟକ ପାଟ୍ଟଯୋଶୀ ଜନାର୍ଦ୍ଦନ ମହାପାତ୍ରଙ୍କ ସହ ଆଲୋଚନା କରିଥିଲେ । ମାଦଳା ପାଞ୍ଜି ଅନୁସାରେ ସିଂହଦ୍ୱାର ବନ୍ଦ କରାଯାଇ ତିନି ଠାକୁରଙ୍କ ଗୁପ୍ତ ନୀତି ହେବା ପରେ ଠାକୁରଙ୍କ ମହାସ୍ନାନ କରାଯିବ। ଲକ୍ଷ୍ମୀ ନାରାୟଣ ଭେଟ ହେବା ପରେ ରତ୍ନ ସିଂହାସନକୁ ଫେରିପାରିବେ ବୋଲି ସୂଚନା ମିଳିଛି।

## କ୍ଷତିପୂରଣ ଅପେକ୍ଷାରେ ୧୯ ପରିବା ଚାଷୀ

### ଯାସ୍‌କୁ ପୂରିଲା ୨ ମାସ

ଖଇରା, ୨୨।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଯାସ୍ ବାତ୍ୟା ଓ ବନ୍ୟା ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ବେଳେ ପରିବା ଚାଷୀ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଘଟଣାକୁ ୨ ମାସ ପୂରିଛି। ହେଲେ ଏପର୍ଯ୍ୟନ୍ତ ଉକ୍ତ ପରିବା ଚାଷୀଙ୍କୁ କ୍ଷତିପୂରଣ ମିଳିପାରିନାହିଁ । ଫଳରେ ପରିବା ଚାଷ ଉପରେ ବର୍ଷ ବର୍ଷ ଧରି ନିର୍ଭର କରି ଚଳିଆସୁଥିବା ଚାଷୀମାନେ ମୋହ ତୁଟାଇ ସାରିଲେଣି। ବାତ୍ୟା ସାଙ୍ଗକୁ ବନ୍ୟା ଯୋଗୁ ୨୪ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଗ୍ରାମଗୁଡିକ ପାଣିଘେରରେ ରହିବା ଯୋଗୁ ପରିବା ଚାଷ ନଷ୍ଟ ହୋଇଯାଇଥିଲା। ଉଦ୍ୟାନ ବିଭାଗ ପକ୍ଷରୁ କ୍ଷୟକ୍ଷତି ଅନୁଧ୍ୟାନ କରାଯାଇ ୧୯ଜଣଙ୍କ ନାମ ଥିବା ଚୂଡ଼ାନ୍ତ ତାଲିକା ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପଠାଯାଇଥିଲା। ଏଥିମଧ୍ୟରେ ପଳସା, ସାରଡାଙ୍ଗ, ହରିପୁର, ମହତୀପୁର ପଞ୍ଚାୟତରୁ ସର୍ବାଧିକ ଚାଷୀଙ୍କ ନାମ ରହିଥିଲା । ତାଲିକା ଯିବାର ୧ମାସରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ କଲାଣି । ହେଲେ କ୍ଷତିପୂରଣ ଅର୍ଥକୁ ଚାତକ ଭଳି ଚାହିଁ ଆଖିରୁ ପାଣି ଶୁଖିଗଲାଣି। ଏହି କ୍ଷତିପୂରଣ ଅର୍ଥ ମିଳିଲେ ହୁଏତ ଆମପାଇଁ ସଞ୍ଜିବନୀ ଭଳି କାର୍ଯ୍ୟ କରନ୍ତା ବୋଲି ସାରଡାଙ୍ଗ ପଞ୍ଚାୟତ ଅଲିପୁର ଗ୍ରାମର ଚାଷୀ ଅନାଦି ପରିଡା କହିଛନ୍ତି। ଜିଲାରୁ ଅର୍ଥ ଅନଲାଇନ ଟ୍ରାନ୍ସଫର ପାଇଁ ତହସିଲକୁ ଅର୍ଥ ପ୍ରଦାନ କରାଯାଇସାରିଥିବା ନେଇ ଉଦ୍ୟାନ ବିଭାଗ ଓ ଜିଲା ଜରୁରୀ କାର୍ଯ୍ୟାଳୟ କହୁଥିବା ବେଳେ ଖଇରା ତହସିଲ ଗୁରୁତର ସହ ନେଉ ନ ଥିବା ନେଇ ମଳିହା ଗ୍ରାମର ସାବିତ୍ରୀ ମହାନ୍ତି କହିଛନ୍ତି। ଖଇରା ତହସିଲଦାର ମହେନ୍ଦ୍ର କୁମାର ବେହେରା କହିଛନ୍ତି ତହସିଲ ଆକାଉଣ୍ଟ ଚେକ୍ କରିବା ପରେ ଯଦି ଆସିଥାଏ ତେବେ ତୁରନ୍ତ ଚାଷୀଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯିବ ବୋଲି କହିଛନ୍ତି ।

## ଶନି ମନ୍ଦିରରୁ ଚୋରି

ଭଦ୍ରକ ଅଫିସ,୨୨।୭

ଭଦ୍ରକ ଜାନୁଗଞ୍ଜ ସ୍ଥିତ ଶନି ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ଦାନବାକ୍ସକୁ ଭାଙ୍ଗି ବାହାରେ ଫିଙ୍ଗି ତାହା ମଧ୍ୟରୁ ଟଙ୍କା ନେଇ ଯାଇଛନ୍ତି। ତେବେ ଏହି ଚୋରି ସମୟର ଭିଡିଓ ସିସିଟିଭିରେ କଏଦ ହୋଇଛି। ଭଦ୍ରକ ଟାଉନ ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି। ଠାକୁରଙ୍କ ମୁକୁଟ, ପୂଜା ସାମଗ୍ରୀ ସହ ଅନେକ କିଛି ଜିନିଷ ଚୋରି ହୋଇଥିବା ଜଣାପଡ଼ିଛି। ଗୁରୁବାର ସକାଳେ ମନ୍ଦିରକୁ ଆସିଥିବା କେତେଜଣ ଲୋକ ଦାନବାକ୍ସ ବାହାରେ ପଡ଼ିଥିବା ଦେଖିଥିଲେ। ମନ୍ଦିରରୁ ଚୋରି ହୋଇଥିବା ନେଇ ପ୍ରଚାର ହେବା ପରେ ସେଠାରେ ଲୋକେ ରୁଣ୍ଡ ହୋଇଯାଇଥିଲେ। କେଉଁଭଳି ଭାବେ ଚୋରମାନେ ମନ୍ଦିର ତାଲା ଭାଙ୍ଗି ଚୋରି କରିଛନ୍ତି, ତାହା ସିସିଟିଭିରେ କଏଦ ହୋଇଛି। ପୋଲିସ ସିସିଟିଭି ଆଧାରରେ ତଦନ୍ତ ଚଳାଇଛି।

## ୧ ଲକ୍ଷ ଚାରାରୋପଣ



ପିଜୁଳି ଚାରା ବଣ୍ଟନ କରାଯାଉଛି।

ବାଲେଶ୍ୱର ଅଫିସ, ୨୨।୭

ବାଲେଶ୍ୱର ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ୧ଲକ୍ଷ ଫଳ ଚାରାରୋପଣ କରାଯିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଏହି କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ବିଜୁ ମହିଳା ଜନତା ଦଳର ଜିଲା ସଭାପତି ବିନ୍ଦୁବାଳା ନନ୍ଦୀ, ରାଜ୍ୟ ମହିଳା ଜନତା ଦଳ ଉପସଭାପତି ଶ୍ରଦ୍ଧାଞ୍ଜଳି ରାୟ, କାର୍ଯ୍ୟକାରୀ କମିଟି ସଦସ୍ୟ ରଶ୍ମି ଦାସ, ପୂର୍ବତନ କାଉନସିଲର ମୀନା ମହାନ୍ତି, ରଞ୍ଜିତା ମହାପାତ୍ର, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ରାଜ୍ୟ ସାଧାରଣ ସମ୍ପାଦକ ତାପସ ପାଣିଗ୍ରାହୀ, ଜିଲା ଯୁବ ବିଜେଡି ସଭାପତି ତାପସ ପରିଡା, ଜିଲା ଛାତ୍ର ବିଜେଡି ସଭାପତି ସିମନ ଦାସମହାପାତ୍ର, ଜିଲା ଏସସି ସେଲ ସଭାପତି ଶତ୍ରୁଘ୍ନ ମଲ୍ଲିକ, ବାଲେଶ୍ୱର ଟାଉନ ବିଜେଡି ସଭାପତି ସନତ ଦାସ, ଟାଉନ ଉପସଭାପତି ହରେନ ଚନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଧଳା ଜହର ବିରୋଧରେ ଦସ୍ତଖତ ଅଭିଯାନ

ଭଦ୍ରକ ଅଫିସ,୨୨।୭

ଧଳା ଜହର ବିରୋଧରେ ଅଣ୍ଟା ଭିଡ଼ିଛି ଭାଜପା ମହିଳା ମୋର୍ଚ୍ଚା। ଭଦ୍ରକ ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଏହା ବିରୋଧରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଜିଲାକୁ ଧଳାଜହର ମୁକ୍ତ କରାଯିବା ଅଭିଯାନ ମୂଳ ଲକ୍ଷ୍ୟ ବୋଲି ମହିଳା ମୋର୍ଚ୍ଚା ପକ୍ଷରୁ କୁହାଯାଇଛି। ଜିଲା ପୋଲିସ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଯଥେଷ୍ଟ ନୁହେଁ ବୋଲି ମହିଳା ମୋର୍ଚ୍ଚାର ସଭାନେତ୍ରୀ ହରପ୍ରିୟା ସାହୁ କହିଥିଲେ। ଏହି ଅଭିଯାନରେ ଜିଲା ଉପାଧ୍ୟକ୍ଷା ଉଷା ପାଢ଼ୀ, ସାଧାରଣ ସମ୍ପାଦିକା ଲିପିକା ବାରିକ, ସମ୍ପାଦିକା ବିଷ୍ଣୁପ୍ରିୟା ଲେଙ୍କା, ଚୈତାଳି ଖିଲାର, ସ୍ମୃତିରେଖା ରାଉତ, ଆଇଟି ସେଲ୍ ସଂଯୋଜିକା ସ୍ୱର୍ଣ୍ଣଲତା ମିଶ୍ର ପ୍ରମୁଖ ସାମିଲ ଥିଲେ। ପୂର୍ବତନ ଜିଲା ସଭାପତି ବଦ୍ରି ନାରାୟଣ ଧଳ, ଯୁବ ମୋର୍ଚ୍ଚା ପକ୍ଷରୁ ଜିଲା ସଭାପତି ବିକାଶ ଶ୍ରେଷ୍ଠା, ବିଜୟ ନାୟକ ପ୍ରମୁଖ ସମର୍ଥନ ଜଣାଇଥିଲେ।

## ପିଇବା ପାଣି ସମସ୍ୟା ନେଇ ଜିଲାପାଳଙ୍କୁ ଭେଟିଲେ

କେନ୍ଦୁଝର ୨୨।୭ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ବ୍ଲକ ମହାଦେଇଯୋଡା ଡିପା ସାହିରେ ପାନୀୟଜଳ ସମସ୍ୟା ଉତ୍କଟ ହେବାରୁ ମହିଳାମାନେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ ଜଣାଇଛନ୍ତି। ଶତାଧିକ ଲୋକ ରହୁଥିଲେ ହେଁ ପିଇବା ପାଣି ବ୍ୟବସ୍ଥା ନାହିଁ। ନଳକୂପ କିମ୍ବା ପାଇପ ଦ୍ୱାରା ଜଳ ଯୋଗାଣ ବ୍ୟବସ୍ଥା ନ ଥିବାରୁ ଲୋକେ ପିଇବା ପାଣି ପାଇଁ ହଇରାଣ ହେଉଥିବା କହିଛନ୍ତି। ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଜଣାଇ ବିଫଳ ହେବାରୁ ସେମାନେ ଜିଲାପାଳଙ୍କୁ ନିବେଦନ କରିବାକୁ ଆସିଛନ୍ତି।

## ଡିଭିଜନ ଅଫିସ ସମ୍ମୁଖରେ ଧାରଣା




ବିଦ୍ୟୁତ୍ ଡିଭିଜନ ଅଫିସ ସମ୍ମୁଖରେ କର୍ମଚାରୀମାନେ ଧାରଣା ଦେଇଛନ୍ତି।

### ବିଦ୍ୟୁତ୍ କର୍ମଚାରୀଙ୍କ ନିଲମ୍ବନ ପ୍ରତ୍ୟାହାର ଦାବି

ରୂପ୍ସା, ୨୨।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ବସ୍ତା ବିଦ୍ୟୁତ୍ ଡିଭିଜନ ଅଫିସ ସମ୍ମୁଖରେ ଗୁରୁବାର ପାୱାର ଏମ୍ପ୍ଲୋଇ ୟୁନିଅନ ପକ୍ଷରୁ ଜଣେ ବିଭାଗୀୟ କର୍ମଚାରୀଙ୍କ ନିଲମ୍ବନ ପ୍ରତ୍ୟାହାର ଦାବିରେ ଧାରଣା ଦିଆଯାଇଛି। ଲଙ୍ଗଳେଶ୍ୱର ସେକସନ ଛଡ଼ା ଫିଡ଼ରରେ କାର୍ଯ୍ୟରତ ଜୁନିୟର ଟେକ୍ନିସିଆନ ରାଜେଶ ବେଜଙ୍କୁ ବେନିୟମ ଭାବେ କାର୍ଯ୍ୟରୁ ନିଲମ୍ବନ କରାଯିବା ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିଲମ୍ବନର କାରଣ କିଛି ଜଣାପଡ଼ି ନ ଥିବାରୁ ପାୱାର ଏମ୍ପ୍ଲୋଇ ୟୁନିଅନ ପକ୍ଷରୁ ବସ୍ତା ବିଦ୍ୟୁତ ନିର୍ବାହୀଯନ୍ତ୍ରୀଙ୍କୁ ସାକ୍ଷାତ୍ କରାଯାଇ ଘଟଣା ସମ୍ପର୍କରେ ଆଲୋଚନା କରାଯାଇଥିଲା। ନିର୍ବାହୀ ଯନ୍ତ୍ରୀ ୭ଦିନ ମଧ୍ୟରେ ସମାଧାନ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ୭ଦିନ ପୂରିଯାଇଥିଲେ ମଧ ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ୬ଗୋଟି ସେକ୍ସନ ଅର୍ଗାନାଇଜରଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ରହି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ବିଭାଗ ପକ୍ଷରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ନ ହେବା ଯାଏ ଧାରଣା ଚାଲୁ ରହିବାକୁ ଚେତାବନୀ ଦିଆଯାଇଛି। ଘଟଣା ସମ୍ପର୍କରେ ନିର୍ବାହୀଯନ୍ତ୍ରୀ କମଳଲୋଚନ ମହାନ୍ତି ତଦନ୍ତ ଚାଲୁ ରହିଛି, ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

